# NATIONAL NEWS BULLETIN (ODIA)
## 17 June - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କାନାଡ଼ାରେ ଜି-7 ଶିଖର ସମ୍ମିଳନୀରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ

– ଦୁଇଦିନିଆ କାନାଡ଼ା ଗସ୍ତ ଅବସରରେ ସଦସ୍ୟ ରାଷ୍ଟ୍ର ଶୀର୍ଷ ନେତୃତ୍ୱଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା

- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଡି.ଏନ୍.ଏ ପରୀକ୍ଷଣ ମାଧ୍ୟମରେ ଚିହ୍ନଟ ହୋଇଛି ୧୬୨ଟି ମୃତଶରୀର
- ଆସନ୍ତାକାଲିଠାରୁ ଆରମ୍ଭ ହେବ ଭାରତ–ଫ୍ରାନ୍ସ ଦ୍ୱିବାର୍ଷିକ ମିଳିତ ସାମରିକ ଅଭ୍ୟାସ 'ଶକ୍ତି'ର ଅଷ୍ଟମ ସଂସ୍କରଣ
- ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତାଙ୍କ ଘନିଷ୍ଠ ସହଯୋଗୀ ନିହତ

ଏବଂ

- ଆଇସିସି ମହିଳା ଏକଦିବସୀୟ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହେଲେ ଭାରତର ସ୍ମୃତି ମନ୍ଧାନା

# ପିଏମ୍-କାନାଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାର କାନାନାସ୍କିସ୍‌ଠାରେ ଆଜି ରାତିରେ ଜି-୭ ସମ୍ମିଳନୀରେ ଯୋଗଦେବେ। ଏହାକୁ ମିଶାଇ ଶ୍ରୀ ମୋଦୀ କ୍ରମାଗତ ଭାବେ ଷଷ୍ଠଥର ଲାଗି ଜି-୭ ସମ୍ମିଳନୀରେ ଯୋଗ ଦେଉଛନ୍ତି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଦୁଇଦିନିଆ କାନାଡ଼ା ଗସ୍ତରେ ଯାଇ ଆଜି ସକାଳେ କାଲ୍‌ଗ୍ୟାରୀରେ ପହଞ୍ଚିଛନ୍ତି ।

ଜି-୭ ସମ୍ମିଳନୀ କାଳରେ ଶ୍ରୀ ମୋଦୀ ଅନେକଗୁଡ଼ିଏ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରିବେ। ବିଶ୍ୱ ଅର୍ଥନୈତିକ ତଥା ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜର୍ମାନୀ, ଜାପାନ, ଇଟାଲୀ, କାନାଡ଼ା ଓ ୟୁରୋପୀୟ ସଂଘକୁ ନେଇ ଗଠିତ ଜି-ସେଭେନ୍ ମଞ୍ଚର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ଗତ କିଛି ବର୍ଷ ଧରି ଭାରତକୁ ଏହି ସମ୍ମିଳନୀରେ ଯୋଗଦେବା ଲାଗି ନିୟମିତ ଭାବେ ନିମନ୍ତ୍ରଣ କରାଯାଇ ଆସୁଛି ।

ଚଳିତ ବର୍ଷ ଜି-୭ ସମ୍ମିଳନୀରେ ବିଶ୍ୱ ଏବଂ ବିଶ୍ୱର ବିଭିନ୍ନ ସମ୍ପ୍ରଦାୟର ସୁରକ୍ଷା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ପରିବର୍ତ୍ତନ ଉଦ୍ଦେଶ୍ୟରେ ଦେଶଗୁଡ଼ିକ ମଧ୍ୟରେ ଭାଗିଦାରିତା ସମ୍ପର୍କରେ ଆଲୋଚନା କରାଯିବ।

ଭାରତକୁ ପ୍ରତ୍ୟେକଥର ଜି-୭ ସମ୍ମିଳନୀରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା, ଶକ୍ତି ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଉଦ୍‌ବୋଧନ ଦେବାର ଆଶା କରାଯାଉଛି ।

## ଭିପି ବିକଶିତ ଭାରତ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ବିକଶିତ ଭାରତ କେବଳ ଏକ ସ୍ୱପ୍ନ ନୁହେଁ ବରଂ ସୁଦୃଢ଼ ଆର୍ଥିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ । ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଧନଖଡ଼ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ଯୁବପିଢ଼ିଙ୍କ ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶିକ୍ଷା ଅସମାନତାକୁ ଦୂର କରିଥାଏ । ଭାରତର ପାରମ୍ପରିକ ଗୁରୁକୂଳ ବ୍ୟବସ୍ଥାର ମୂଳ ମୂଲ୍ୟବୋଧକୁ ଫେରିବାକୁ ସେ ଆହ୍ୱାନ ଦେଇଛନ୍ତି । କର୍ପୋରେଟ୍ ଏବଂ ବ୍ୟବସାୟିକ ସଂସ୍ଥା ଦେଶର ଶିକ୍ଷା କ୍ଷେତ୍ରରେ ନିବେଶ କରିବାକୁ ସେ ପରାମର୍ଶ ଦେଇଥିଲେ । ଦେଶର ବିକଶିତ ଷ୍ଟାର୍ଟ ଅପ୍ ଇକୋ ସିଷ୍ଟମ୍ ଉପରେ ଆଲୋକପାତ କରି ଶ୍ରୀ ଧନଖଡ଼ କହିଛନ୍ତି, ଏ କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିଛି ।  ଜାତୀୟ ଶିକ୍ଷାନୀତି ବିଶ୍ୱର ସର୍ବୋତ୍ତମ ବୋଲି ବର୍ଣ୍ଣନା କରିବା ସହ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରତିଭା ଏବଂ ସମୟର ପୂର୍ଣ୍ଣ ଉପଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦେଶର ସମସ୍ତ ରାଜ୍ୟ ଓ

କେନ୍ଦ୍ରଶାସିତ ଅଞ୍ଚଳ ଜାତୀୟ ଶିକ୍ଷାନୀତିକୁ ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

## ଗୁଜୁରାଟ ଡିଏନ୍ଏ ଟେଷ୍ଟ

ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ୧୬୨ଟି ଡିଏନ୍ଏ ନମୂନାକୁ ସଫଳତାର ସହିତ ଚିହ୍ନଟ କରାଯାଇଛି। ଗୁଜୁରାଟର ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସଂଘଭି ଆଜି ଗଣମାଧ୍ୟମରେ ଏ ନେଇ ସୂଚନା ପ୍ରଦାନ କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହିତ ସହଯୋଗରେ ରାଜ୍ୟ ସରକାର ଫରେନସିକ୍ ଏବଂ ଆଇନଗତ ଔପଚାରିକତାକୁ ତ୍ୱରାନ୍ୱିତ କରୁଛନ୍ତି।

## ଆର୍ମି ଶକ୍ତି

ଭାରତ-ଫ୍ରାନ୍ସ ଦ୍ୱିବାର୍ଷିକ ମିଳିତ ସାମରିକ ଅଭ୍ୟାସ 'ଶକ୍ତି'ର ଅଷ୍ଟମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଫ୍ରାନ୍ସର ଲା' କାଭାଲେରିସ୍ଥିତ କ୍ୟାମ୍ପ ଲାର୍ଜାକଠାରେ ଆସନ୍ତା ମାସ ପହିଲା ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତୀୟ ସେନାର ୯୦ ଜଣିଆ ଦଳ ଅଂଶଗ୍ରହଣ କରୁଛନ୍ତି। ଉଭୟ ଦେଶ ମଧ୍ୟରେ ସାମରିକ ସମ୍ପର୍କକୁ ଦୃଢ଼ କରିବା, ସମନ୍ୱୟ ରକ୍ଷା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ଦ୍ୱିବାର୍ଷିକ ମିଳିତ ସମରାଭ୍ୟାସ ଆୟୋଜନ କରାଯାଇଥାଏ। ସାମରିକ କ୍ଷେତ୍ରରେ ଉଭୟ ଦେଶର ସହଯୋଗକୁ ବୃଦ୍ଧି କରିବା ସହ ରଣନୈତିକ ସମ୍ପର୍କକୁ ଏହା ମଜଭୁତ କରିବ ବୋଲି ଆଶା କରାଯାଉଛି।

## ଯୋଗବନ୍ଧନ ସେଲିବ୍ରେସନ୍

ଚଳିତ ମାସ ୨୧ ତାରିଖରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୫ର ଅବ୍ୟବହିତ ପୂର୍ବରୁ ମୋରାଜୀ ଦେଶାଇ ଯୋଗ ପ୍ରତିଷ୍ଠାନ ଆଜି ନୂଆଦିଲ୍ଲୀରେ ଯୋଗ ବନ୍ଧନ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମରେ ଡେନମାର୍କ, ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଆର୍ଜେଣ୍ଟିନା ସମେତ ବିଭିନ୍ନ ଦେଶର ପ୍ରମୁଖ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା କହିଛନ୍ତି, ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ସେମାନଙ୍କ ଦେଶରେ ଯୋଗକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ପ୍ରତିନିଧିମାନେ ଦେଶର ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ ବୋଲି ସେ କହିଛନ୍ତି ।

## ଇରାନ୍-ଇସ୍ରାଏଲ୍ ଓ୍ୱାର

ଇରାନ୍ ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷ ଆଜି ପଞ୍ଚମ ଦିନରେ ପହଁଞ୍ଚିଛି । ଆକ୍ରମଣ ଏବଂ ପ୍ରତିଆକ୍ରମଣରେ ବହୁ ଲୋକ ମୃତାହତ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ଇସ୍ରାଏଲ ସେନା କହିଛି, ଇରାନ୍ ଏକ ନୂତନ ଧରଣର କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଛି । ଇସ୍ରାଏଲ ଆକ୍ରମଣର ଜବାବରେ ଇରାନ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା

ଜଣାପଡ଼ିଛି । ଇରାନ୍‌ର ଇସ୍‌ଲାମିକ ରେଭଲ୍ୟୁସନାରୀ ଗାର୍ଡ କର୍ପସ କହିଛି, ଏହି ଆକ୍ରମଣ ଇସ୍ରାଏଲର ସାମରିକ ଗୁଇନ୍ଦା କେନ୍ଦ୍ର ଏବଂ ମୋସାଦ ଅପରେସନ୍ ଯୋଜନା କେନ୍ଦ୍ର ଉପରେ ହୋଇଛି । ପୂର୍ବରୁ ଇସ୍ରାଏଲ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ, ଇରାନ୍ ପକ୍ଷରୁ କେନ୍ଦ୍ରୀୟ ଉପକୂଳ ସହର ହର୍ଜଲିଆ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିଲା । ଅନ୍ୟପକ୍ଷରେ ଇରାନ୍ ଗଣମାଧ୍ୟମ କହିଛି, ଇରାନ୍‌ର କେତେକ ବ୍ୟାଙ୍କ ତଥା ଆର୍ଥିକ ଅନୁଷ୍ଠାନର ସାଇବର ଆକ୍ରମଣ ପାଇଁ ହୋଇଥିବା ପ୍ରୟାସକୁ ପ୍ରତିହତ କରାଯାଇଛି ।

ପଶ୍ଚିମ ଇରାନ୍‌ର ସାମରିକ ଘାଟି ଗୁଡ଼ିକୁ ଲକ୍ଷ୍ୟ କରି ତୀବ୍ର ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ସେନା ସୂଚନା ଦେଇଛି । ଏହି ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲା ଅଲ୍ଲୀ ଖୋମେନୀଙ୍କ ଘନିଷ୍ଠ ସହଯୋଗୀ ତଥା ଇରାନ୍ ଯୁଦ୍ଧ ମୁଖ୍ୟ ଅଲ୍ଲୀ ସାଦ୍‌ମାନୀ ନିହତ ହୋଇଛନ୍ତି । ଇସ୍ରାଏଲର ଆକ୍ରମଣରେ ଇରାନ୍‌ରେ ଏ ପର୍ଯ୍ୟନ୍ତ ଅତିକମ୍‌ରେ ୨୨୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରତି ଆକ୍ରମଣରେ ଇସ୍ରାଏଲର ୨୪ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ଟ୍ରମ୍ପ- ଏକ୍‌ଜିଟ୍ ଜି-୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡ଼ାରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀରୁ ୱାଶିଂଟନ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପଶ୍ଚିମ ଏସିଆରେ

ଉତ୍ତେଜନା ହ୍ରାସ ଲକ୍ଷ୍ୟ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଏକ ମିଳିତ ବିବୃତି ଜାରି ହେବାର କିଛି ସମୟ ପରେ ଶ୍ରୀ ଟ୍ରମ୍ପ ସମ୍ମିଳନୀରୁ ପ୍ରସ୍ଥାନ କରିଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ କହିଛନ୍ତି, ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଆଲୋଚନା ଚାଲିଛି ବୋଲି ଆମେରିକା ରାଷ୍ଟ୍ରପତି ଜି-୭ ସଦସ୍ୟ ରାଷ୍ଟ୍ର ନେତାମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ତେବେ ଅନ୍ୟ ପକ୍ଷରେ ଶ୍ରୀ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହାକୁ ଖଣ୍ଡନ କରିବା ସହ କହିଛନ୍ତି, ଜି-୭ ସମ୍ମିଳନୀରେ ତାଙ୍କର ପ୍ରସ୍ଥାନ ସହ ଯୁଦ୍ଧବିରତିର କୌଣସି ସମ୍ପର୍କ ନାହିଁ।

# ସ୍ପେଶାଲ ଫିଚର ୧୧ ୟର୍ସ

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରିତ ବିଭିନ୍ନ ପଦକ୍ଷେପ ଦ୍ୱାରା ଭାରତରେ ଗତ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ଧରି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସରକାରଙ୍କ ପ୍ରୟାସ ଉପରେ ସ୍ୱତନ୍ତ୍ର ଉପସ୍ଥାପନା ପ୍ରସ୍ତୁତ କରୁଛି। ଆଜି ସୁଲଭ ଏବଂ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସମ୍ପର୍କିତ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରାଯାଉଛି।

ଗତ ଦଶନ୍ଧି ମଧ୍ୟରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଆୟୁଷ୍ମାନ ଭାରତ ଭଳି ପ୍ରମୁଖ ପଦକ୍ଷେପ ପ୍ରାୟ ୫୫ କୋଟି ଲୋକଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିଛି। ଆୟୁଷ୍ମାନ ବୟୋବନ୍ଦନା

ଯୋଜନା ଅଧୀନରେ ୭୦ ବର୍ଷ ଏବଂ ତା'ଠୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରାଯାଇପାରୁଛି । ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆଧୁନିକୀକରଣ କରାଯାଇଛି । ଫଳରେ ୭୮ କୋଟିରୁ ଅଧିକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ଖୋଲାଯାଇପାରିଛି । ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟକୁ ସୁରକ୍ଷିତ ରଖିବାରେ ଏହି ବ୍ୟବସ୍ଥା ସକ୍ଷମ ହୋଇଛି । ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଅଧୀନରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି କ୍ଷେତ୍ର ଅଧିକ ବ୍ୟାପକ ହୋଇପାରିଛି । ବିଭିନ୍ନ ରାଜ୍ୟରେ ଏମ୍ସ ପ୍ରତିଷ୍ଠା ସହ ଚିକିତ୍ସା ଶିକ୍ଷା ଏବଂ ସେବା ପ୍ରଦାନ କ୍ଷେତ୍ରରେ ସରକାରଙ୍କର ଦୃଢ଼ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି । ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଆଧାରିତ ପଦକ୍ଷେପ ଉନ୍ନତ ତଥା ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁନିଶ୍ଚିତ କରିପାରିଛି ।

## ରେଖା ଗୁପ୍ତା– ଜନ ଆରୋଗ୍ୟ ମନ୍ଦିର

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଦେଶର ରାଜଧାନୀରେ ୩୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସହିତ ୧୭ଟି ଜନଔଷଧୀ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏକ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୧ ହଜାର ୧୦୦ରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଉଦ୍‌ଘାଟନ କରାଯିବ । ସେ ଦୁର୍ନୀତି ଏବଂ ଦିଲ୍ଲୀରେ ଭୁଶୁଡ଼ି ପଡ଼ିଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ବିରୁଦ୍ଧରେ ଅଭିଯୋଗ କରି ପୂର୍ବର ଆମ୍ ଆଦ୍‌ମୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ

କହିଛନ୍ତି, କେନ୍ଦ୍ର ସରକାର ୫ ବର୍ଷ ପୂର୍ବେ ଏହି ପ୍ରକଳ୍ପ ପାଇଁ ୨ ହଜାର ୪୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ଆପ୍ ସରକାର ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ବିଫଳ ହୋଇଥିଲା।

## ଆଇସିସି ଓ୍ୱିମେନ୍ସ ର‌୍ୟାଙ୍କିଙ୍ଗ୍

ଆଇସିସି ମହିଳା ଏକ ଦିବସୀୟ ବ୍ୟାଟିଂ ତାଲିକାରେ ଭାରତର ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ୨୦୧୯ ନଭେମ୍ବର ପରେ ପ୍ରଥମଥର ପାଇଁ ସେ ଏହି ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୭୨୭ ରେଟିଂ ପଏଣ୍ଟ ସହ ସ୍ମୃତି ପ୍ରଥମ ସ୍ଥାନରେ ପହଁଞ୍ଚିବା ବେଳେ ଦକ୍ଷିଣ ଆଫ୍ରିକାର ଲୌରା ଓ୍ୱଲର୍ଭାଟ୍ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି।

## ଝାଡ଼ଖଣ୍ଡ ମନସୁନ୍

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଝାଡ଼ଖଣ୍ଡରେ ପହଁଞ୍ଚିଛି। ରାଞ୍ଚି, ଜାମସେଦପୁର, ଧାନବାଦ ଏବଂ ବୋକାରୋ ସମେତ ରାଜ୍ୟର ପୂର୍ବ ଭାଗରେ ମୌସୁବୀ ବାୟୁ ପହଁଞ୍ଚିଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ମୌସୁମୀ ବାୟୁ ସମଗ୍ର ରାଜ୍ୟକୁ ପ୍ରବେଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବ, ଦକ୍ଷିଣ, ମଧ୍ୟ ଝାଡ଼ଖଣ୍ଡର କିଛି କିଛି ସ୍ଥାନରେ ସକାଳୁ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ତେବେ ଆଗାମୀ ୪ରୁ ୫ ଦିନ ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା

ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ପକ୍ଷରୁ କୁହାଯାଇଛି ।